# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25th May - 2025

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ଅପରେସନ ସିନ୍ଦୂର ପରିବର୍ତ୍ତିତ ଭାରତର ଏକ ପ୍ରତିଛବି ବୋଲି କହିଲେ ପ୍ରଧାନମନ୍ତ୍ରୀ

— ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ ଅବସରରେ ଓଡ଼ିଶାର ଭାରୋତ୍ତଳନକାରୀ ହର୍ଷବର୍ଦ୍ଧନ ସାହୁଙ୍କ କଲେ ପ୍ରଶଂସା

- ନୂଆଦିଲ୍ଲୀଠାରେ ଚାଲିଛି ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ବୈଠକ

- ବିକଶିତ କୃଷି ସଂକଳ୍ପ ଅଭିଯାନ ଶୀର୍ଷକ ଏକ ଜାତୀୟ କାର୍ଯ୍ୟକ୍ରମ ଆସନ୍ତା ୨୯ତାରିଖରେ ପୁରୀଠାରେ ହେବ ଶୁଭାରମ୍ଭ

ଏବଂ

- ଥାଇରଏଡ ରୋଗ ସଂପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଥାଇରଏଡ୍ ଦିବସ

# ମନ୍ କି ବାତ୍

ଅପରେସନ ସିନ୍ଦୂର କେବଳ ଏକ ସାମରିକ ଅଭିଯାନ ନଥିଲା, ଏହା ପରିବର୍ତ୍ତିତ ଭାରତର ଏକ ପ୍ରତିଛବି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର 'ମନ୍ କି ବାତ'ର ୧୨୨ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଅପରେସନ ସିନ୍ଦୂର ସାରା ବିଶ୍ୱରେ ଆତଙ୍କବାଦ ବିରୁଦ୍ଧରେ ଲଢ଼ିବାକୁ ନୂଆ ଉତ୍ସାହ ଓ ଆତ୍ମବିଶ୍ୱାସ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ଅପରେସନ ସିନ୍ଦୂର ସମୟରେ ସଶସ୍ତ୍ର ବାହିନୀ ଦ୍ୱାରା ପ୍ରଦର୍ଶିତ ବୀରତ୍ୱର ପ୍ରଶଂସା କରିଛନ୍ତି । ସମଗ୍ର ଦେଶ ଆତଙ୍କବାଦ ବିରୁଦ୍ଧରେ ଲଢ଼େଇରେ ଏକଜୁଟ ଏବଂ ଆତଙ୍କବାଦୀଙ୍କ ମୂଳୋତ୍ପାଟନ କରିବା ପାଇଁ ସଂକଳ୍ପବଦ୍ଧ ବୋଲି ଶ୍ରୀ ମୋଦୀ କହିଛନ୍ତି...

**V/O (Operation Sindur)**

ଅପରେସନ୍ ସିନ୍ଦୂରର ସଫଳତା ପରେ ଦେଶର ଅନେକ ଛୋଟ-ବଡ଼ ସହର ଓ ଗାଁରେ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଥିଲା। ଦେଶରେ ସଶସ୍ତ୍ର ବାହିନୀକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ହଜାର ହଜାର ଲୋକ ତ୍ରିରଙ୍ଗା ଧରି ଏହି ଯାତ୍ରାରେ ସାମିଲ ହୋଇଥିଲେ ।

**-V/O-***(Triranga)*

କେତେକ ସହରରେ ବହୁ ସଂଖ୍ୟକ ଯୁବକ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବକ ଭାବେ ଏକାଠି ହୋଇଥିଲେ ।

ଶ୍ରୀ ମୋଦୀ କହିଛନ୍ତି, ସାମାଜିକ ଗଣମାଧ୍ୟମରେ କେତେକ କବିତା ଏବଂ ପିଲାଙ୍କର ଚିତ୍ରାଙ୍କନ ଦେଖିବାକୁ ମିଳୁଛି, ଯେଉଁଥିରେ ମହାନ ବାର୍ତ୍ତା ଲୁକ୍କାୟିତ ହୋଇ ରହିଛି ।

ଭାରତୀୟ ସେନା ଅଦମ୍ୟ ସାହସର ସହିତ ସ୍ୱଦେଶରେ ନିର୍ମିତ ଅସ୍ତ୍ରଶସ୍ତ୍ର, ଉପକରଣ ଏବଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଆତଙ୍କୀ ଶିବିରଗୁଡ଼ିକୁ ଧ୍ୱଂସ କରିଥିଲେ। ଯାହା ଆତ୍ମନିର୍ଭର ଭାରତର ସଂକଳ୍ପକୁ ପ୍ରତିପାଦନ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଭାରତରେ ପ୍ରସ୍ତୁତ ଖେଳନା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ପିତାମାତାଙ୍କୁ ପିଲାଙ୍କ ପାଇଁ ସ୍ୱଦେଶ ପ୍ରସ୍ତୁତ ଖେଳନା କ୍ରୟ କରିବାକୁ ପ୍ରୋତ୍ସାହିତ କରିଛନ୍ତି। ଜନଭାଗିଦାରୀତା ଭାରତର ପ୍ରମୁଖ ଶକ୍ତି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭାରତରେ ପ୍ରସ୍ତୁତ ଉତ୍ପାଦ କିଣିବା ପାଇଁ ପ୍ରାଥମିକତା ଦେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି । ଏହା ଅର୍ଥନୀତିକୁ ସୁଦୃଢ଼ କରିବା ସହ ଦେଶ ଗଠନରେ ଭାଗିଦାରୀତାକୁ ପ୍ରୋତ୍ସାହନ ପ୍ରଦାନ କରିବ।

ଦଶମ ଓ ଦ୍ୱାଦଶ ପରୀକ୍ଷାରେ ନକ୍ସଲ ପ୍ରଭାବିତ ଦନ୍ତେୱାଡ଼ା ଜିଲ୍ଲାର ଛାତ୍ରଛାତ୍ରୀଙ୍କର ସଫଳତା ଉପରେ ପ୍ରଧାନମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି ।

ଗୁଜରାଟର ଗୀର୍‌ଠାରେ ସିଂହଙ୍କ ସଂଖ୍ୟାବୃଦ୍ଧି ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଗତ ୫ ବର୍ଷ ମଧ୍ୟରେ ଏହା ୬୭୪ରୁ ୮୯୧ରେ ପହଞ୍ଚିଛି ବୋଲି କହିଛନ୍ତି।

ଆନ୍ତର୍ଜାତିକ ଯୋଗ ଦିବସ ଆସନ୍ତାମାସ ୨୧ ତାରିଖରେ ପାଳନ କରାଯିବ । ଯୋଗକୁ ନିଜ ଦୈନନ୍ଦିନ ଜୀବନରେ ସାମିଲ କରିବାକୁ ସମସ୍ତଙ୍କୁ ଏହି ଦିବସ ମନେପକାଇଦିଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**-V/O-***(Yoga)*

ଖେଲୋ ଇଣ୍ଡିଆ କ୍ରୀଡ଼ାରେ  ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କ୍ରୀଡାବିତ୍‌ଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।  ଭାରୋତ୍ତଳନ ପ୍ରତିଯୋଗିତାରେ ଓଡ଼ିଶାର ହର୍ଷବର୍ଦ୍ଧନ ସାହୁ, ମହାରାଷ୍ଟ୍ରର ଅସ୍ମିତା ଧୋନ୍ ଏବଂ ଉତ୍ତରପ୍ରଦେଶର ତୁଷାର ଚୌଧୁରୀଙ୍କ ପ୍ରଦର୍ଶନକୁ  ଶ୍ରୀ ମୋଦୀ ଉଚ୍ଚପ୍ରଶଂସା କରିଛନ୍ତି ।

# ପିଏମ୍ ଏନ୍‌ଡିଏ ଗଭର୍ଣ୍ଣାନ୍ସ

ନୂଆଦିଲ୍ଲୀଠାରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ-ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ ହେଉଛି । ସୁଶାସନ ପ୍ରସଙ୍ଗ ଉପରେ ଆଧାରିତ ଏହି ଦିନିକିଆ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧ୍ୟକ୍ଷତା କରୁଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଷ୍ଟ୍ରୀୟ ସଭାପତି ଜଗତ ପ୍ରକାଶ ନଡ୍ଡା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରୁଛନ୍ତି । ସମସ୍ତ ୨୦ଟି ଏନ୍‌ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ୧୮ ଜଣ ଉପମୁଖ୍ୟମନ୍ତ୍ରୀ ଏହି ବୈଠକରେ ଯୋଗ ଦେଇଛନ୍ତି ।

# ବିକଶିତ କୃଷି ସଂକଳ୍ପ ଅଭିଯାନ-ପୁରୀ

ବିକଶିତ କୃଷି ସଂକଳ୍ପ ଅଭିଯାନ ଶୀର୍ଷକ ଏକ ଜାତୀୟ କାର୍ଯ୍ୟକ୍ରମ ଆସନ୍ତା ୨୯ତାରିଖରେ ପୁରୀଠାରେ ଶୁଭାରମ୍ଭ କରାଯିବ ବୋଲି କେନ୍ଦ୍ର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶିବରାଜ ସିଂ ଚୌହ୍ବାନ କହିଛନ୍ତି। ଦେଶର ୭୦୦ଟି ଜିଲ୍ଲାରେ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କୃଷି ବିଶେଷଜ୍ଞ ଓ ବୈଜ୍ଞାନିକଙ୍କୁ ନେଇ ଗଠିତ ଦଳ ବିଭିନ୍ନ ଗ୍ରାମକୁ ଗସ୍ତ କରି ଚାଷୀଙ୍କ ସହ ଆଲୋଚନା କରିବେ ବୋଲି ମନ୍ତ୍ରୀ ଶ୍ରୀ ଚୌହ୍ବାନ କହିଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି କୃଷି ବୈଜ୍ଞାନିକଙ୍କ ଏକ ସମ୍ମିଳନୀକୁ ସମ୍ବୋଧନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ଚୌହ୍ବାନ ଏହା କହିଛନ୍ତି ।

ଏହି ଅଭିଯାନରେ କୃଷି ବିଜ୍ଞାନ କେନ୍ଦ୍ର, ଭାରତୀୟ କୃଷି ଗବେଷଣା ପରିଷଦ, ରାଜ୍ୟସ୍ତରୀୟ କୃଷି ବିଭାଗ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବିଭାଗଗୁଡିକର ଅଧିକାରୀ ଏଥିରେ ସାମିଲ ହେବେ ବୋଲି ମନ୍ତ୍ରୀ କହିଛନ୍ତି ।

# ଧର୍ମେନ୍ଦ୍ର ପ୍ରଧାନ

**ସମ୍ବଲପୁର** ଚିଡିଆଖାନା ରାଜ୍ୟର ଦ୍ୱିତୀୟ ନନ୍ଦନକାନନ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ ଆଜି ସମ୍ବଲପୁର ଚିଡିଆଖାନାର ଜୀବ ଓ ଉଦ୍ଭିଦ ଉଦ୍ୟାନ ପରିଦର୍ଶନ କରିବା ସହ ସାଧାରଣ

ଲୋକଙ୍କ ସହ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ସମ୍ବଲପୁର ଚିଡିଆଖାନାକୁ ନନ୍ଦନକାନନ ଢ଼ଙ୍ଗରେ ନୂତନ ରୂପ ଦେବାପାଇଁ ଯୋଜନା ପ୍ରସ୍ତୁତ କରାଯିବ । ଏହାର ପରିଧିକୁ ବଡ଼ କରିବା ସହ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବ ।  ଚିଡ଼ିଆଖାନାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର ସହ କର୍ମଚାରୀମାନଙ୍କୁ ସଠିକ ତାଲିମ୍ ଦେବାପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ ।

ଆଗାମୀ ୩ ମାସରେ ସମ୍ବଲପୁରକୁ ସବୁଜ ସହରରେ ପରିଣତ କରିବା ପାଇଁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯିବ । ଏହାସହ ଆସନ୍ତାମାସ ୫ ତାରିଖ ବିଶ୍ୱ ପରିବେଶ ଦିବସରୁ ଜୁଲାଇ ଓ ଅଗଷ୍ଟ ମାସ ପର୍ଯ୍ୟନ୍ତ ଚାରାରୋପଣକୁ ଜନଆନ୍ଦୋଳନରେ ପରିଣତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

## ଓଭରବ୍ରିଜ୍ ଉଦ୍‌ଘାଟନ

ସମ୍ବଲପୁର ସହରର ଦୁର୍ଗାପାଲିଠାରେ ରେଲ୍‌ୱେ ଓଭରବ୍ରିଜ୍‌କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି । ୬୦ କୋଟି ୪୩ ଲକ୍ଷ ବ୍ୟୟରେ ନିର୍ମିତ ଏହି ବ୍ରିଜ୍ ଦ୍ୱାରା ଲୋକଙ୍କ ଯାତାୟତ ସୁଗମ ହେବ । ଆଗାମୀ ଦିନରେ ସମ୍ବଲପୁରକୁ ଶ୍ରୀମନ୍ତ ସହରରେ ବିକଶିତ କରାଯିବା ସହ ଏକ ବୃହତ୍ ମହାନଗର ନିଗମରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଭିଜନ୍ ଡକ୍ୟୁମେଣ୍ଟ

ରାଜ୍ୟରେ ବିଜେପି ନେତୃତ୍ୱାଧୀନ ସରକାରକୁ ଆସନ୍ତାମାସ ୧୨ ତାରିଖରେ ୧ ବର୍ଷ ପୂରଣ ହେଉଛି । ଏହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ର ଉନ୍ମୋଚନ କରାଯିବ। ନୀତି ଆୟୋଗ ପରିଚାଳନା ପରିଷଦ ବୈଠକରେ ଗତକାଲି ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ବିକଶିତ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ୩ ଲକ୍ଷ ୨୦ ହଜାର ଲୋକଙ୍କ ମତାମତ ଗ୍ରହଣ କରାଯାଇଛି ।

## ସାଢ଼େ ୭ ଘଣ୍ଟା ଅଫିସ୍

ଗ୍ରାମ୍ୟ ଉନ୍ନୟନ ବିଭାଗର କର୍ମଚାରୀମାନେ ଏଣିକି ୧୦ଟାରୁ ସାଢ଼େ ୫ଟା ଯାଏଁ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି। ସାଢ଼େ ୭ ଘଣ୍ଟା ଅଫିସ୍‌ରେ ଉପସ୍ଥିତ ରହିବା ସହ କର୍ମଚାରୀମାନଙ୍କ ପାଇଁ ବାୟୋମାଟ୍ରିକକୁ ବାଧ୍ୟତାମୂଳକ କରାଯାଇଛି । ବିଭାଗ ପକ୍ଷରୁ କୁହାଯାଇଛି ଯେଉଁ କର୍ମଚାରୀମାନଙ୍କର ବାୟୋମେଟ୍ରିକ୍ ଉପସ୍ଥାନ ନଥିବ ସେଦିନ ସେ ଅନୁପସ୍ଥିତ ରହିଲେ ବୋଲି ଧରାଯିବ ।

# ୱାର୍ଲଡ ଥାଇରଏଡ୍ ଡେ

ଥାଇରଏଡ ରୋଗ ସଂପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଥାଇରଏଡ୍ ଦିବସ ପାଳନ କରାଯାଉଛି । ଏହି ରୋଗର

କାରଣ, ପ୍ରଭାବ ଏବଂ ଏହାର ନିରାକରଣ ସଂପର୍କରେ ଲୋକଙ୍କୁ ଅଧିକ ସଚେତନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଶରୀରରେ ଥାଇରଏଡ୍ ଗ୍ରନ୍ଥୀର ଆକାର ଛୋଟ ହୋଇଥିଲେ ମଧ୍ଯ ଏହାର ଜୀବନ ଶୈଳୀରେ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହି ଦିବସ ପାଳନ ଅବସରରେ ବିଭିନ୍ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି ।

## ଏଏସ୍ଆଇ

**ପୁରୀ** ଶ୍ରୀମନ୍ଦିର ସଂରକ୍ଷଣ ତଥା ମରାମତି ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା-ଏଏସ୍ଆଇର ମହାନିର୍ଦ୍ଦେଶକ ଡକ୍ଟର ଯଦୁବୀର ସିଂ ରାଓ୍ବତ୍ଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିର ସ୍ଥାପତ୍ୟ, ମୂଳ ନିର୍ମାଣ ଏବଂ ସାଂସ୍କୃତିକ ଦିଗ ପ୍ରତି ଦୃଷ୍ଟିରଖି ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ରଥଯାତ୍ରା ସମୟରେ ଶ୍ରୀମନ୍ଦିର ପରିସର ତଥା ଗର୍ଭଗୃହର ଆବଶ୍ୟକ ସଂରକ୍ଷଣ ସହିତ ରତ୍ନଭଣ୍ଡାରର ବାକିଥିବା ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ପ୍ରସ୍ତାବିତ ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରାଯିବା ସହ ଶ୍ରୀମନ୍ଦିର ଆଲୋକୀକରଣ ବ୍ୟବସ୍ଥା ସୁବ୍ୟବସ୍ଥିତ କରିବା ପାଇଁ ବୈଠକରେ ଏଏସ୍ଆଇ ମହାନିର୍ଦ୍ଦେଶକଙ୍କ ସହ ଆଲୋଚନା ହୋଇଛି ।

## ଜଳକ୍ରୀଡା ନୀତି

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଆସନ୍ତା ମଙ୍ଗଳବାର ଅମାବାସ୍ୟା ତିଥିରେ ଦ୍ୱିତୀୟ ଜଳକ୍ରୀଡା ନୀତି ପାଳନ କରାଯିବ ।  ଶ୍ରୀଜୀଉମାନଙ୍କର

ଆଲଟଲାଗି ଓ ଚନ୍ଦନଲାଗି ନୀତି ଶେଷ ହେବା ପରେ ଶ୍ରୀମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପ୍ରାପ୍ତ ହୋଇ ଜଳକ୍ରୀଡା ମଣ୍ଡପକୁ ବିଜେ କରିବେ। ସେଠାରେ ଭିତର ଚନ୍ଦନଯାତ୍ରା ନୀତି ଅନୁଷ୍ଠିତ ହେବ। ଏଥିସହିତ ଶ୍ରୀଅମାବାସ୍ୟା ନାରାୟଣ ଠାକୁରଙ୍କୁ ଆଜ୍ଞାମାଳ ପ୍ରାପ୍ତ ହୋଇ ସାଗରବିଜେ ନୀତି ଅନୁଷ୍ଠିତ ହେବ।

*******************************